# ଗଛ ଲଗେଇବା କାହାପାଇଁ

ଚନ୍ଦ୍ରମୋହନ ମହାରଣା

ଥରେ ଜଣେ ରାଜା କେତେଗୁଡ଼ିଏ ଲୋକଙ୍କୁ ସାଙ୍ଗରେ ଧରି ଶିକାର କରିବା ପାଇଁ ବାହାରିଗଲେ । ଶିକାରରୁ ଫେରିବା ବେଳେ ସେ ପଥ ମଧ୍ୟରେ ଦେଖିଲେ, ଜଣେ ବୁଢ଼ାଲୋକ ଗାତ ଖୋଳି କିଛି ଆମ୍ବଗଛ ପୋତି ଚାଲିଛି । ରାଜାଙ୍କ ସାଙ୍ଗରେ ଯେଉଁ ଲୋକମାନେ ଥିଲେ ସେ ଆଡ଼କୁ ଚାହିଁ କହିଲେ- "ଏ ଲୋକଟା କେଡ଼େ ଓଲୁ ..... ଯୋଉ ଗଛଗୁଡ଼ାକୁ ସେ ଆଜି ଲଗଉଛି, ତା'ର ଫଳ ଭୋଗ କରିବାକୁ ତା'ର କ'ଣ ଆୟୁଷ ଥିବ ?"



ସାଙ୍ଗରେ ଥିବା ଲୋକମାନେ ଏଥିରେ ହସିବା ଦେଖି ରାଜା ସେହି ବୃଦ୍ଧ ଜଣକୁ ପାଖକୁ ଡାକି ପଚାରିଲେ- ତୁମକୁ କେତେ ବୟସ ହେଲାଣି ?



ବୃଦ୍ଧ ବ୍ୟକ୍ତି ଉତ୍ତର ଦେଲେ, "ମଣିମା ! ମୋତେ ବୟସ ଚାରିକୋଡ଼ି ବର୍ଷ ହେଲାଣି। ହେଲେ ମୋ ଦେହରେ ତଥାପି ବଳ ଅଛି।"

ରାଜା କହିଲେ- "କିନ୍ତୁ ତୁମେ କେତେ କାଳ ବଞ୍ଚିବ ଯେ ଏତେ କଷ୍ଟ କରି ଏ ଆମ୍ବଗଛଗୁଡ଼ାକ ଲଗଉଛ ? ଏହାର ଫଳ ଭୋଗ କରିବା ପାଇଁ ତୁମେ କ'ଣ ଆଉ ଥିବ ?"

ବୃଦ୍ଧ କହିଲା- "ମଣିମା ! ଯାହା କହିଲେ, ତାହା ଠିକ୍। ମୁଁ ଜାଣିପାରୁଛି- ଏହି ବୃକ୍ଷର ଫଳ ଭୋଗ କରିବାପାଇଁ ମୁଁ ନ ଥିବି। ତାହା ହେଲେ ସୁଦ୍ଧା, ପୂର୍ବ ପୁରୁଷମାନେ ଯାହା କରି ଯାଇଛନ୍ତି, ତାହା କରିବା ଆମମାନଙ୍କର କର୍ତ୍ତବ୍ୟ ଅଟେ। ସେମାନେ ଯେଉଁ ବୃକ୍ଷ ଲଗାଇଥିଲେ, ଆମ୍ଭେମାନେ ବର୍ତ୍ତମାନ ତାହାର ଫଳ ଭୋଗ କରୁଛୁ। ମୁଁ ଆଜି ଯେଉଁ ଗଛ ଲଗାଉଛି, ମୋର ପିଲାମାନେ ଓ ସେମାନଙ୍କର ପିଲାମାନେ ତାହାର ଫଳ ଭୋଗ କରିବେ।"

ରାଜା ବୁଢ଼ା ଲୋକଟିର କଥା ଶୁଣି ତାକୁ ଭାରି ପ୍ରଶଂସା କଲେ। କେତେ କ'ଣ ପୁରସ୍କାର ଦେଇ ନଗରକୁ ଫେରିଗଲେ।